# ପ୍ରମୋଦ ମହାନ୍ତି

ଜନ୍ମ: (୧୯୪୩-....) ମସିହା

କବି ପ୍ରମୋଦ କୁମାର ମହାନ୍ତି ତାଙ୍କର ସମକାଳୀନ କବିମାନଙ୍କ ଠାରୁ ନିଜର କଥକତା, ଶବ୍ଦ ଚୟନ ଓ ଭାବ ସତ୍ତାର ସଂକ୍ରମଣଶୀଳତାରେ ନିଆରା । ଉଚ୍ଛାଙ୍ଗ ଜୀବନପ୍ରୀତି ଓ ନିରବଚ୍ଛିନ୍ନ ପ୍ରଚ୍ଛନ୍ନ ଈଶ୍ୱରମୟ ଭାବଉତ୍ତରଣ ହେଉଛି ତାଙ୍କ କବିତାର ନିର୍ଯ୍ୟାସ । ତାଙ୍କ ପୁସ୍ତକ -

**ଅଲଗାକୁହା,** ପୃଷ୍ଠା:୨୦୦, ପ୍ରକାଶକାଳ-୨୦୦୭, ମୂଲ୍ୟ: ଟଙ୍କା ୧୦୦/-

ପୃଥିବୀର ସବୁ ଦୁଃଖ ପାଇଁ କାଇଲି ମୁଁ/ ଆଉ କେହି ନୁହେଁ/ ବିଶ୍ୱର ବିଷାଦ ପାଇଁ / ଦାୟୀ ମୁଁ ଏକା ଏକା କବି ଭିତରର କୋମଳ ସତ୍ତାଟି ଏହା ସ୍ୱୀକାର କରିଛି । ବାହାର ଅପେକ୍ଷା ନିଜ ଆଡ଼େ ଦୌଡ଼ିବାକୁ ଆରମ୍ଭ କରିଛି କାବ୍ୟପୁରୁଷ । ତାହାକୁ ସେ ଚିତ୍ରଣ କରିଛନ୍ତି । ଭିତରକୁ ଯେତେ ଦେଖିଲେ ବି ବାହାରକୁ ଭୁଲିଯିବା କ'ଣ ସମ୍ଭବ । ଚେତନାର ସେହି ସ୍ୱାଭାବିକ ଉତ୍ତରଣକୁ କବି ଚମତ୍କାର ଭାବେ କହନ୍ତି: 'କହି ନଇକୁ ଠେଲନ୍ତି ନାହିଁ / ନିମଗ୍ନା ହେବାକୁ/ ସେ ଆପେ ଆବେ ବହୁଥାଏ ବାଟସାରା ଲୋଡ଼ିବାପଣରେ / ଏକଙ୍ଗ ହେବାକୁ ଦୂର ସମୁଦ୍ରରେ ।' ଏମିତି ଅନେକ ଦୃଶ୍ୟ ଓ ଦୃଶ୍ୟାନ୍ତରର ଅନେକ ଅନୁଭବକୁ କବି ପ୍ରମୋଦ ମହାନ୍ତି ସାଉଁଟିଛନ୍ତି ଏହି ସଂକଳନଟିରେ । ଏଥିରେ ରହିଛି ଚଉଷଠିଟି କବିତା ।

**ଦେବୀପାଦ**(ହିନ୍ଦୀ କବିତା ସଂକଳନ), ଅନୁବାଦ- ମହେନ୍ଦ୍ର ଶର୍ମା, ପୃଷ୍ଠା-୧୨୦, ପ୍ରକାଶକାଳ-୨୦୦୬, ମୂଲ୍ୟ: ଟ.୧୦୦/-

ନିଜେ କବି ଶୈଶବରୁ "ଦେବୀ ମନସ୍କ' ଥିବାରୁ "ଦେବୀପାଦ'ର କବିତା ସେହି ଦେବୀପାଦ-ପ୍ରଣାମୀ-ଚେତନା ପ୍ରସୂତ ।